# NATIONAL NEWS BULLETIN (ODIA)
## 7 June - 2025
## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ସୀମାପାର ଗୁଳିଗୋଳା ଘଟଣାରେ ପ୍ରଭାବିତ ପରିବାର ଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଯୋଗାଇ ଦିଆଯିବ, କହିଲେ ପ୍ରଧାନମନ୍ତ୍ରୀ
- ସ୍ୱଚ୍ଛ ଶକ୍ତି ହାସଲ କ୍ଷେତ୍ରରେ ଗତ ଏକଦଶନ୍ଧିରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଭାରତ
- କାନାଡାରେ ଅନୁଷ୍ଠିତ ହେବାକୁ ଥିବା ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ
- ଇଦ୍-ଉଜ୍ ଜୁହା ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ଏବଂ

- ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଲେ ସ୍ପିନ୍ ବୋଲର ପିୟୁଷ ଚାଓ୍ୱଲା

## ପିଏମ୍-କାଶ୍ମୀର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ ସନ୍ତ୍ରାସବାଦ ନିକଟରେ କେବେବି ମୁଣ୍ଡ ନୁଆଁଇବ ନାହିଁ । ଗତମାସ ୨୨ ତାରିଖରେ ହୋଇଥିବା ପହଲଗାମ ସନ୍ତ୍ରାସବାଦ ଆକ୍ରମଣର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି,

ଦୁର୍ଭାଗ୍ୟବଶତଃ ଆମର ପଡ଼ୋଶୀ ଦେଶ ମାନବତା ଏବଂ ଗରିବଙ୍କର ଜୀବନଜୀବିକା ବିରୁଦ୍ଧରେ କାର୍ଯ୍ୟ କରୁଛି । ଗତକାଲି ଉଧମପୁର-ଶ୍ରୀନଗର-ବାରମୂଳା ରେଳ ପ୍ରକଳ୍ପର ଲୋକାର୍ପଣ ଅବସରରେ ଶ୍ରୀ ମୋଦୀ କହିଛନ୍ତି, ପାକିସ୍ତାନର ଏହି ଅମାନବୀୟ କାର୍ଯ୍ୟ ଲାଗି ଜାମ୍ମୁ, ପୁଞ୍ଚ ସମେତ ଅନ୍ୟାନ୍ୟ ଜିଲ୍ଲାରେ ୨ହଜାରରୁ ଅଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କର ଘର ମରାମତି ତଥା ପୁନଃ ଥଇଥାନ ନିମନ୍ତେ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ବର୍ତ୍ତମାନ ସୀମାପାର ଗୁଳିଗୋଳା ଘଟଣାରେ ପ୍ରଭାବିତ ଏହି ପରିବାରଗୁଡ଼ିକୁ ସରକାର ଅଧିକ ଆର୍ଥିକ ସହାୟତା ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM)**

# ସ୍ପେଶାଲ୍ ଫିଚର-୧୧ ଇୟର୍ସ

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତିକୁ ଆଧାର କରି ଗତ ଏକଦଶନ୍ଧି ମଧ୍ୟରେ ଭାରତରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସଂପର୍କରେ ସ୍ୱତନ୍ତ୍ର ଉପସ୍ଥାପନା କରାଯାଉଛି । ଆଜି ଆସନ୍ତୁ ଜାଣିବା ବିଶ୍ୱ ନେତୃତ୍ୱ ଏବଂ ସ୍ୱଚ୍ଛ ଶକ୍ତି ସଂପର୍କରେ ।

ଗତ ଏକଦଶନ୍ଧି ମଧ୍ୟରେ ଭାରତ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି କରିଥିବା ବେଳେ ଜଳବାୟୁ ପରିବର୍ତ୍ତନ ସଂପର୍କିତ ଆଭିମୁଖ୍ୟରେ ବିଶ୍ୱ ନେତୃତ୍ୱ ଭାବରେ ଉଭା ହୋଇଛି । ୨୦୨୪-୨୫ ଆର୍ଥିକବର୍ଷରେ

୨୯ଦଶମିକ ୫/୨ ଗିଗାୱାଟ୍ ନବୀକରଣଯୋଗ୍ୟ ଶକ୍ତି ସାମର୍ଥ୍ୟ ବୃଦ୍ଧି କରାଯାଇ ପାରିଛି । ପୂର୍ବବର୍ଷ ଏହା ୧୯୮ ଦଶମିକ ୭/୫ ଗିଗାୱାଟ୍ ରହିଥିଲା । ଏହାକୁ ମିଶାଇ ଦେଶରେ ଏବେ ନବୀକରଣଯୋଗ୍ୟ ସ୍ୱଚ୍ଛଶକ୍ତି ପରିମାଣ ୨୨୦ ଦଶମିକ ୧/୦ ଗିଗାୱାଟ୍‌ରେ ପହଞ୍ଚିଛି । ଏହି ଶକ୍ତି ସାମର୍ଥ୍ୟ ବୃଦ୍ଧି କ୍ଷେତ୍ରରେ ସୂର୍ଯ୍ୟଶକ୍ତି ଏବଂ ବାୟୁଶକ୍ତି ସହ ଅଣୁ ସାମର୍ଥ୍ୟ ବୃଦ୍ଧି ମଧ୍ୟ ରହିଛି । ବିଶ୍ୱରେ ନବୀକରଣୀୟ ଶକ୍ତି ସୂଚକାଙ୍କରେ ଭାରତ ସପ୍ତମ ସ୍ଥାନରେ ରହିଛି । ଦେଶରେ ଜାତୀୟ ସବୁଜ ହାଇଡ୍ରୋଜେନ୍ ଅଭିଯାନକୁ ବିସ୍ତାରିତ କରାଯାଇ କମ୍ ଅଙ୍ଗାରକାମ୍ଳ ନିର୍ଗମନ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି ।

ଅନ୍ୟପକ୍ଷରେ କୋପ୍-୨୧ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କ୍ଷେତ୍ରରେ ମଧ୍ୟ ଭାରତ ସଫଳତା ଅର୍ଜନ କରିଛି । ଭାରତ ପାଇଁ ୨୦୩୦ ସୁଦ୍ଧା ଲକ୍ଷ୍ୟ ହାସଲ ସ୍ଥିର କରାଯାଇଥିଲେ ମଧ୍ୟ ଏହାର ୯ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୧ ସୁଦ୍ଧା ଭାରତ ଏହି ଲକ୍ଷ୍ୟ ପୂରଣ ଦିଗରେ ସଫଳତା ହାସଲ କରିଛି । ଗ୍ଲାସ୍‌ଗୋଠାରେ ଆୟୋଜିତ କୋପ୍-୨୬ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଚାମୃତ ଲକ୍ଷ୍ୟ ବିଷୟରେ ଘୋଷଣା କରିଥିଲେ । ୨୦୭୦ ମସିହା ସୁଦ୍ଧା ଶୂନ୍ୟ ଅଙ୍ଗାରକ ନିର୍ଗମନ ଲକ୍ଷ୍ୟ ହାସଲ ଏହାର ପ୍ରମୁଖ ବିଷୟ ଥିଲା । ଏହା ଅଧୀନରେ ପ୍ରଧାନମନ୍ତ୍ରୀ ପରିବେଶ ପାଇଁ ଜୀବନଶୈଳୀ ଅଭିଯାନର ଶୁଭାରମ୍ଭ କରିଥିଲେ ।

ଆନ୍ତର୍ଜାତିକ ପରିବେଶ ସହଯୋଗ କ୍ଷେତ୍ରରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଆନ୍ତର୍ଜାତିକ ସୌରମେଣ୍ଟ ଏବଂ ବିପର୍ଯ୍ୟୟ ରହିତ ଭିତ୍ତିଭୂମି ନିର୍ମାଣ ସମ୍ମିଳନୀରେ ଭାରତ ପ୍ରତିଷ୍ଠାତା ସଦସ୍ୟ ରହିଛି । ବିଶ୍ୱର ବିଭିନ୍ନ ମଞ୍ଚରେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛଶକ୍ତି ହାସଲ ଦିଗରେ ଭାରତର ପଦକ୍ଷେପ ଗୁଡ଼ିକ ସଂପର୍କରେ ବାର୍ତ୍ତା ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆମେ ଗୋଟିଏ ଗ୍ରହରେ ବସବାସ କରୁ, କିନ୍ତୁ ସାରା ବିଶ୍ୱକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ।

# ରିଜିଜୁ-ଉମିଦ୍ ପୋର୍ଟାଲ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ  ନୂଆଦିଲ୍ଲୀ ଠାରେ ଉମିଦ୍ କେନ୍ଦ୍ରୀୟ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ନୂତନ ଓ୍ୱାକଫ୍ ସମ୍ପତ୍ତି, ଓ୍ୱାକଫ୍ ସମ୍ପର୍କିତ ବିସ୍ତୃତ ବିବରଣୀ ଦାଖଲ କରିବା, ଓ୍ୱାକଫ୍ ରେଜିଷ୍ଟର୍ ପରିଚାଳନା  ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହି ପୋର୍ଟାଲ୍ ମାଧ୍ୟମରେ ସମ୍ପନ୍ନ କରାଯାଇପାରିବ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ରିଜିଜୁ କହିଛନ୍ତି, ଉମିଦ୍ କେନ୍ଦ୍ରୀୟ ପୋର୍ଟାଲ୍ ମାଧ୍ୟମରେ ଓ୍ୱାକଫ୍ ସମ୍ପତ୍ତି ପରିଚାଳନା ଏବଂ ପ୍ରଶାସନ କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରହିପାରିବ । ଓ୍ୱାକଫ୍ ସଂଶୋଧନ ନିୟମ ୨୦୨୫ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମନ୍ତ୍ର ସବ୍ କା ସାଥ୍ ସବ୍ କା ବିକାଶର ପ୍ରତିଫଳନ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଶ୍ରୀ ରିଜିଜୁ କହିଛନ୍ତି:

**V/O- RIJIJU--INTERVEW**

ଏହି ସ୍ୱତନ୍ତ୍ର ସାକ୍ଷାତକାର ଆକାଶବାଣୀର ୧୦୦.୧ ଏଫ୍‌ଏମ୍ ଗୋଲ୍ଡ ଚ୍ୟାନେଲ୍, ସମାଚାର, ସମସ୍ତ ନେଟୱ୍ୱର୍କରେ ଆଜି ରାତି ୯ଟା ୩୦ ମିନିଟ୍‌ରେ ପ୍ରଚାର କରାଯିବ । 'ବିକଶିତ ଭାରତର ଅମୃତକାଳ-ସେବା-ସୁଶାସନ ଏବଂ ଗରିବ କଲ୍ୟାଣର ୧୧ବର୍ଷ' ଶୀର୍ଷକ ସ୍ୱତନ୍ତ୍ର ସିରିଜ୍‌ରେ ଏହି ସାକ୍ଷାତକାର

ପ୍ରଚାର କରାଯିବ । ଆକାଶବାଣୀ ସମାଚାର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରଚାରିତ ହେବ ।

# ପିଏମ୍-ଜି-୭ ସମିଟ୍ କାନାଡା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ଶେଷ ଭାଗରେ କାନାଡାରେ ଆୟୋଜିତ ହେବାକୁ ଥିବା ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ । କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ  ସାମିଲ ହେବେ ବୋଲି ଜଣାପଡ଼ିଛି । ଗତକାଲି କାନାଡା ପ୍ରଧାନମନ୍ତ୍ରୀ ଟେଲିଫୋନ୍ ଯୋଗେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଥିଲେ । ସାମାଜିକ ଗଣମାଧ୍ୟମରେ କାନାଡା ନିର୍ବାଚନରେ ବିଜୟ ହାସଲ କରିଥିବା ମାର୍କ କାର୍ଣ୍ଣିଙ୍କୁ ଶ୍ରୀ ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ନିମନ୍ତ୍ରଣ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାନାଡା ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ସେ କହିଛନ୍ତି ଭାରତ ଏବଂ କାନାଡା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକ ଉପରେ ମିଳିତ ଭାବେ କାର୍ଯ୍ୟ କରିବେ, ଯାହାଫଳରେ ବିଶ୍ୱର ଦୁଇଟି ପ୍ରମୁଖ ଗଣତନ୍ତ୍ର ମଧ୍ୟରେ ସୁସଂପର୍କ ସ୍ଥାପନ ହୋଇପାରିବ । ଏହା ଦ୍ୱାରା ଉଭୟ ଦେଶର ଜନସାଧାରଣ ଉପକୃତ ହୋଇପାରିବେ । ଜି-୭ ଶିଖର ସମ୍ମିଳନୀରେ କାନାଡା ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା ହେବ ବୋଲି ଶ୍ରୀ ମୋଦୀ ଆଶା ପୋଷଣ କରିଛନ୍ତି ।

ଏହି ସମ୍ମିଳନୀ କାନାଡାର **କାନାନାସ୍କିସ୍** ଠାରେ ଚଳିତମାସ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏ ସଂପର୍କରେ ଗଣମାଧ୍ୟମ ସହ ଆଲୋଚନା ବେଳେ କାନାଡା ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମ୍ମିଳନୀରେ ଏକ ବୃହତ ଅର୍ଥନୀତି ଭାବରେ ଭାରତର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ  ରହିବ ।

## ପ୍ରେଜ୍-ଇଦ୍-ଉଜ୍ ଜୁହା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଜ୍ ଜୁହା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି ଏହି ପର୍ବକୁ ବଳିଦାନ, ବିଶ୍ୱାସ ଏବଂ ମାନବିକ ମୂଲ୍ୟବୋଧର ପ୍ରତିଫଳନ ବୋଲି କହିଛନ୍ତି । ସେ କହିଛନ୍ତି ଏହି ପର୍ବ ସମାଜରେ ଏକତା, ସ୍ନେହ ଏବଂ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥାଏ । ଏହି ମୂଲ୍ୟବୋଧକୁ ଗ୍ରହଣ କରି ଏକ ସ୍ୱତନ୍ତ୍ର ସମାଜ ଗଠନ ଲାଗି ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଇଦ୍-ଉଜ୍ ଜୁହା ଅବସରରେ ଶୁଭେଚ୍ଛା ଜଣାଇ ଏହି ପର୍ବ ଲୋକମାନଙ୍କ ମଧ୍ୟରେ ଶାନ୍ତି ଓ ବିକାଶର ବାର୍ତ୍ତା ଦେଉ ବୋଲି କାମନା କରିଛନ୍ତି ।

## ଇଦ୍-ଉଜ୍ ଜୁହା

ଦେଶର ବିଭିନ୍ନ ଭାଗରେ ଆଜି ବଳିଦାନର ପର୍ବ ଇଦ୍-ଉଜ୍ ଜୁହା ପାଳନ କରାଯାଉଛି । ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗାହରେ ସ୍ୱତନ୍ତ୍ର ନମାଜ ପାଠ କରାଯାଉଛି । ଦିଲ୍ଲୀର ଜାମା ମସ୍‌ଜିଦ୍, ଫତେପୁରୀ ମସ୍‌ଜିଦ୍ ଏବଂ ସାହି ଇଦ୍‌ଗାହରେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଈଶ୍ୱରଙ୍କ ଆଦେଶ କ୍ରମେ

ହଜରତ ଇବ୍ରାହିମ୍ ତାଙ୍କର ଏକମାତ୍ର ପୁତ୍ରକୁ ବଳିଦାନ ଦେଇଥିବା ଘଟଣାକୁ ସ୍ମରଣ ପୂର୍ବକ ଇଦ୍-ଉଜ୍ ଜୁହା ପାଳନ କରାଯାଇଥାଏ ।

## ହୁ-ଇଣ୍ଡିଆ କୋଲାବରେସନ

ଜେନେଭାରେ ଅନୁଷ୍ଠିତ ବିପର୍ଯ୍ୟୟ ପ୍ରଭାବ ହ୍ରାସ ସମ୍ବନ୍ଧୀୟ ଅଷ୍ଟମ ସମ୍ମିଳନୀ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରସ୍ ଆଧନମ୍ ଗେବ୍ରିୟସସ୍’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଭାରତର ସହଯୋଗ ଏବଂ ଜାମନଗରସ୍ଥିତ ବିଶ୍ୱ ସ୍ୱାସ୍ଥ୍ୟସଂଗଠନର ବିଶ୍ୱ ପାରମ୍ପରିକ ଔଷଧ କେନ୍ଦ୍ରର ଭାଗିଦାରିତା ସଂପର୍କରେ ଆଲୋଚନା ହୋଇଛି । ଆଲୋଚନାକାଳରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମହାମାରୀ ହ୍ରାସ ନିମନ୍ତେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକରେ ଭାରତର ସହଯୋଗ ଏବଂ ସ୍ୱାସ୍ଥ୍ୟସେବାର ଅଗ୍ରଗତି ଦିଗରେ ଭାରତର ସହାୟତାକୁ ଶ୍ରୀ ଗେବ୍ରିୟସସ୍ ପ୍ରଶଂସା କରିଛନ୍ତି । ଭାରତରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଆୟୁଷ୍ମାନ ଭାରତ ଯୋଜନା ପ୍ରଣୟନକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି ।

## ଆରସିବି-ଷ୍ଟାମ୍ପେଡ୍ ଏଫଆଇଆର୍

ଆଇପିଏଲ୍ ଟାଇଟଲ୍ ହାସଲ କରିବା ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱାରା ବିଜୟ ଉତ୍ସବ ପାଳନ କରାଯାଉଥିବା ବେଳେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ବାହାରେ ଦଳାଚକଟାରେ ୧୧ଜଣଙ୍କ ମୃତ୍ୟୁ ଘଟଣାରେ ତଦନ୍ତ ପ୍ରକ୍ରିୟା ଜୋରଦାର କରାଯାଇଛି । ଏହି ଘଟଣାରେ ରୟାଲ୍ ଚାଲେଞ୍ଜ ବେଙ୍ଗାଲୁରୁର ଫ୍ରାଞ୍ଚାଇଜ୍ ଏବଂ କର୍ଣ୍ଣାଟକ କ୍ରିକେଟ୍ ଆସୋସିଏସନ୍ର

କେତେଜଣ ସଦସ୍ୟଙ୍କ ବିରୁଦ୍ଧରେ ଏତଲା ଦାୟାର କରାଯାଇଛି । ପୂର୍ବରୁ ଏକ ଏତଲା ଦାୟର କରାଯାଇ ଆର୍‌ସିବିର ବିଜୟ ଉତ୍ସବ ପାଳନ ଦାୟିତ୍ୱ ନେଇଥିବା ପରିଚାଳନା ଗୋଷ୍ଠୀ ବିରୁଦ୍ଧରେ ମାମଲା କରାଯାଇଥିଲା ।

କର୍ଣ୍ଣାଟକ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସେଠାକାର ହାଇକୋର୍ଟରେ ଏକ ଆବେଦନ ପରେ ଆସୋସିଏସନ୍ ବିରୁଦ୍ଧରେ କୌଣସି କଠୋର ପଦକ୍ଷେପ ଗ୍ରହଣ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସଂପୃକ୍ତ କ୍ରିକେଟ୍ ଆସୋସିଏସନ୍‌ର ଅଧ୍ୟକ୍ଷ ରଘୁରାମ ଭଟ୍ଟ, ସଚିବ ଏ.ଶଙ୍କର ଏବଂ ଅନ୍ୟ କେତେଜଣ ସଦସ୍ୟଙ୍କ ବିରୁଦ୍ଧରେ ପଦକ୍ଷେପ ନ ନେବା ଲାଗି କୋର୍ଟ କହିଛନ୍ତି । ଆସନ୍ତା ସୋମବାର ଦିନ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

ତେବେ ଏହି ଘଟଣାରେ କର୍ଣ୍ଣାଟକ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେଇଛନ୍ତି ।

ଅନ୍ୟପକ୍ଷରେ ବିରୋଧୀ ବିଜେପି ଏବଂ ଜେଡିଏସ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିବା ଜଣାପଡ଼ିଛି ।

# ପିୟୁଷ ଚାୱ୍ଲା ରିଟାୟାର୍ସ

ଭାରତୀୟ ସ୍ପିନ୍ ବୋଲର ପିୟୁଷ ଚାୱ୍ଲା ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ଦୀର୍ଘ ୨୦ ବର୍ଷ ହେବ କ୍ରିକେଟ ଜଗତରେ ସକ୍ରିୟ ଥିବା ଷ୍ଟାର୍ ବୋଲର ପିୟୁଷ ଚାୱ୍ଲା ତାଙ୍କ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡଲ୍‌ରେ

ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ବିଷୟ ଘୋଷଣା କରିଛନ୍ତି । ଏହି ୩୬ ବର୍ଷୀୟ ଖେଳାଳି ୩ଟି ଟେଷ୍ଟ, ୨୫ଟି ଏକଦିବସୀୟ ଏବଂ ୭ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଶେଷଥର ପାଇଁ ସେ ୨୦୧୨ରେ ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ବିଶ୍ୱକପ୍‌ରେ ସାମିଲ ହୋଇଥିଲେ । ସେ ୨୦୦୭ ଆଇସିସି ଟି-୨୦ ବିଶ୍ୱକପ୍ ଏବଂ ୨୦୧୧ ଆଇସିସି କ୍ରିକେଟ୍ ବିଶ୍ୱକପ୍‌ରେ ମଧ୍ୟ ଖେଳିଥିଲେ ।